بسم الله الرحمن الرحيم

## ୮ ସେପ୍ଟେମ୍ବର ୨୦୧୭ ଖୁତବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ମଜଲିସ୍ ଶୁରା ଯେତେବେଳେ ଯୋଜନାବଦ୍ଧ ଭାବରେ ଗୋଟିଏ ରାଏ ଧାର୍ଯ୍ୟ କରିଥାଏ ଏବଂ ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଲାହେ ଅମଲ୍ ପ୍ରସ୍ତୁତ କରି ତାହାକୁ ସ୍ୱୀକୃତି ପାଇଁ ଖଲିଫାଙ୍କ ନିକଟକୁ ପ୍ରେରଣ କରିଥାଏ ଏବଂ ଯେତେବେଳେ ତାହା ସ୍ୱୀକୃତି ପ୍ରାପ୍ତ କରିନିଏ ସେତେବେଳେ ତଦନୁଯାୟୀ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରି ଅମଳ କରିବା ଓ କରାଇବା ମଜଲିସ୍ ଶୁରାର ପ୍ରତ୍ୟେକ ସଦସ୍ୟଙ୍କର କର୍ତବ୍ୟ ଏବଂ ଜମାଅତର ପ୍ରତ୍ୟେକ ବିଭାଗର କର୍ମକର୍ତାମାନଙ୍କର କର୍ତବ୍ୟ ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ ନିମ୍ନ ପକ୍ତିଂ ପାଠକଲେ-**ଉଦ୍‌ଉ ଇଲା ସବିଲେ ରବ୍‌ବିକା ବିଲ୍ ହିକ୍‌ମତେ ଓ୍ୱଲମୋଇଜାତିଲ୍ ହସନତେ ଓ୍ୱ ଜାଦିଲ୍‌ହୁମ୍ ବିଲ୍ ଲତିହିୟା ଅହସନ୍ । ଇନ୍ନା ରବ୍‌ବକା ହୁଓ୍ୱା ଆଲମୁ ବିମନ୍ ଜଲ୍ଲା ଅନ୍ ସବିଲିହି ଓ୍ୱହୁଓ୍ୱା ଆଲମୁ ବିଲ୍ ମୁହତଦିନ୍** । ଅର୍ଥାତ ହେ ରସୁଲ୍ (ଲୋକମାନଙ୍କୁ) ସତ୍‌ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମରେ ନିଜ ପାଳନକର୍ତାଙ୍କ ପଥ ଆଡ଼କୁ ଡ଼ାକ ଏବଂ ସେମାନଙ୍କ ସହିତ ଏପରି ରୀତିରେ (ଧର୍ମ)ତର୍କ କର ଯାହା ସର୍ବୋତମ ଅଟେ । ବାସ୍ତବରେ ତୁମ୍ଭର ପାଳନକର୍ତା ସେମାନଙ୍କୁ ଭଲଭାବରେ ଜାଣନ୍ତି ଯେଉଁମାନେ ତାହାଙ୍କ ପଥରୁ ବିଚ୍ୟୁତ ହୋଇଛନ୍ତି ତଥା ଯେଉଁମାନେ ସତ୍‌ପଥଗାମୀ ହୋଇଛନ୍ତି ସେମାନଙ୍କୁ ମଧ୍ୟ ଭଲଭାବରେ ଜାଣନ୍ତି ।

ପୃଥିବୀର ଅନେକ ଦେଶର ଜମାଅତ ନିଜ ମଜଲିସ୍ ଶୁରାରେ ଏହି ପ୍ରସ୍ତାବ ଦେଲେ କି କିଭଳି ଆମେ ଇସଲାମର ପ୍ରକୃତ ବାର୍ତା ନିଜ ଦେଶର ପ୍ରତ୍ୟେକ ଶ୍ରେଣୀର ଲୋକମାନଙ୍କ ନିକଟରେ ପହଂଚାଇପାରିବା କିମ୍ବା ଏହି (କାର୍ଯ୍ୟ)କୁ ଆହୁରି ଭଲଭାବରେ ସମ୍ପାଦନ କରିବା ଏବଂ ଏହି ବିଷୟରେ ସେମାନଙ୍କ ମଧ୍ୟରେ ବେଶ୍ ସୁନ୍ଦର ଚର୍ଚ୍ଚା ମଧ୍ୟ ହେଲା । ହଜୁର ଅନଓ୍ୱର ଅ.ବ କହିଲେ- ସର୍ବଦା ମନେରଖିବା ଉଚିତ୍ ଯେ, ଧର୍ମପ୍ରଚାର ନିମନ୍ତେ ଅବା ଅନ୍ୟ କୌଣସି ପ୍ରକାର କାର୍ଯ୍ୟ କରିବା ପୂର୍ବରୁ ସେଥିପାଇଁ ଯୋଜନା ପ୍ରସ୍ତୁତ କଲାବେଳେ ମଜଲିସ୍ ଶୁରାର (ସଭ୍ୟଙ୍କ) ସମ୍ମୁଖରେ ଅନେକ ରାଏ ରଖାଯାଇଥାଏ ତନ୍‌ମଧ୍ୟରୁ ଗୋଟିଏ ଚୟନ କରି ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସେମାନେ ଏକ **ଲାହେ ଅମଲ୍** ପ୍ରସ୍ତୁତ କରିଥାନ୍ତି ଏବଂ ତାହାକୁ ସ୍ୱୀକୃତି ପାଇଁ ଖଲିଫାଙ୍କ ନିକଟକୁ ପ୍ରେରଣ କରିଦେଇଥାନ୍ତି । ଯେତେବେଳେ ତାହା ସ୍ୱୀକୃତି ପ୍ରାପ୍ତ କରିନିଏ ସେତେବେଳେ ତଦନୁଯାୟୀ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରି ଅମଳ କରିବା ଓ କରାଇବା ମଜଲିସ୍ ଶୁରାର ପ୍ରତ୍ୟେକ ସଦସ୍ୟଙ୍କର କର୍ତବ୍ୟ ଏବଂ ଜମାଅତର ପ୍ରତ୍ୟେକ ବିଭାଗର କର୍ମକର୍ତାମାନଙ୍କର କର୍ତବ୍ୟ । ଏପରି ଚିନ୍ତା କରନ୍ତୁ ନାହିଁ କି ଯେହେତୁ ଏହି ପ୍ରସ୍ତାବ ପ୍ରଚାର ବିଭାଗ ସହ ସମ୍ବନ୍ଧିତ ତେଣୁ ଉକ୍ତ ବିଭାଗର ସେକ୍ରେଟାରୀଙ୍କର କର୍ତବ୍ୟ କି କେବଳ ସେ ହିଁ କାମ କରିବେ କିମ୍ବା ଅନ୍ୟ କୌଣସି ବିଭାଗ ସମ୍ବନ୍ଧିତ ପ୍ରସ୍ତାବ ଥିଲେ କେବଳ ଉକ୍ତ ବିଭାଗର ସେକ୍ରେଟାରୀଙ୍କର ଦାୟିତ୍ୱ କି ସେ କରିବେ । ନିଃସନ୍ଦେହ ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ଉକ୍ତ ସେକ୍ରେଟାରୀଙ୍କ କର୍ତବ୍ୟ କିନ୍ତୁ ବିଶେଷ କରି ପ୍ରଚାର ଓ ତରବିୟତ୍‌ର ବିଭାଗ ଏପରି ଅଟେ କି ଯେଉଁଥିରେ ଜମାଅତର ପ୍ରତ୍ୟେକ ବିଭାଗର କର୍ମକର୍ତା ସାମିଲ୍ ହେବା ଏବଂ ନିଜର ନମୁନା ଦେଖାଇବା ଉଚିତ୍ । ବର୍ତମାନ ମୁଁ ଧର୍ମପ୍ରଚାର ସମ୍ବନ୍ଧରେ କିଛି କହିବାକୁ ଚାହେଁ । ଏଥିସମ୍ବନ୍ଧରେ ମୁଁ କର୍ମକର୍ତାମାନଙ୍କ ଧ୍ୟାନ ଆକର୍ଷିତ କରିବାକୁ ଚାହେଁ ଯେ, ସେମାନେ ନିଜ ସେକ୍ରେଟାରୀ ତବଲିଗ୍ ସହ ଧାର୍ଯ୍ୟ ଯୋଜନା ମୁତାବକ ନିଜ ନିଜ ଜମାଅତରେ କାର୍ଯ୍ୟ କରିବା ନିମନ୍ତେ ପୂର୍ଣ୍ଣ ସାହାଯ୍ୟ ସହଯୋଗ କରିବା ସହିତ ସ୍ୱୟଂ ଏହାର ଅଂଶ ହୋଇ ଜମାଅତର ଲୋକମାନଙ୍କ ନିମନ୍ତେ ନମୁନା ସୃଷ୍ଟି କରନ୍ତୁ । ସେ ଯେ କୌଣସି ବିଭାଗର କର୍ମକର୍ତା ହୁଅନ୍ତୁ ନା କାହିଁକି ଧର୍ମ ପ୍ରଚାରରେ ପ୍ରତ୍ୟେକ ଭାଗ ନେଇପାରିବେ । ଯଦି ସେମାନେ ଏଥିରେ ଭାଗନେବେ ତେବେ ଜମାଅତର ସଦସ୍ୟମାନଙ୍କ ପାଇଁ ସେମାନେ ନମୁନା ପାଲଟିବେ ଏବଂ ଏପରି ଅନେକ ଅହେମଦିଙ୍କୁ କିଛି ନକହି, ଧ୍ୟାନ ନଦେଇ ମଧ୍ୟ ସେମାନେ ଆପେ ଆପେ ନମୁନାକୁ ଦେଖି ଧାର୍ଯ୍ୟ ଯୋଜନା ମୁତାବକ ଇସଲାମର ପ୍ରକୃତ ବାର୍ତା (ଅନ୍ୟମାନଙ୍କ) ନିକଟରେ ପହଁଚାଇବାର ପ୍ରୟାସରେ ସାମିଲ ହୋଇଯାଇଥାନ୍ତି । କେତେକ ସେକ୍ରେଟାରୀଙ୍କ ନିକଟରେ ନିଜ ବିଭାଗର ବିଶେଷ କାମ ନଥାଏ ତେଣୁ ସେମାନେ ଏହି କାର୍ଯ୍ୟରେ ଅଧିକରୁ ଅଧିକ ସମୟ ଦେଇପାରିବେ କେବଳ ନିୟତ୍ ଓ ଆଗ୍ରହର ଆବଶ୍ୟକତା ରହିଛି । ସେ ଯାହା ହେଉ National Secretary ତବଲିଗ୍‌ଙ୍କର କର୍ତବ୍ୟ କି ଯେଉଁ **ଲାହେ ଅମଲ୍** ପ୍ରସ୍ତୁତ ହୋଇଛି ତାହାକୁ ସେ ଆଂଚଳିକ ଜମାଅତର Secretary ତବଲିଗ୍‌ଙ୍କ ସହ ସାକ୍ଷାତ କରି ସେମାନଙ୍କ ସହିତ ସୁନିଶ୍ଚିତ କରନ୍ତୁ କି ଜମାଅତର ପ୍ରତ୍ୟେକ ସଦସ୍ୟ ଉକ୍ତ **ଲାହେ ଅମଲ୍**ର ସେହି ଅଂଶ ଯାହାକି ବ୍ୟକ୍ତି ବିଶେଷ ସହ ସଂପୃକ୍ତ ସେମାନଙ୍କ ନିକଟରେ ପହଂଚିଯାଇଅଛି । ଉପରେ ମୁଁ ଯେଉଁ ପକ୍ତିଂ ପାଠ କରିଆସିଲି ସେଥିରେ ଅଲ୍ଲାଃତାଲା ଆମର ମାର୍ଗ ଦର୍ଶାନ କରିଛନ୍ତି ତାହା ବୁଝିବା ଓ ତଦନୁଯାୟୀ ପ୍ରତ୍ୟେକ ସେକ୍ରେଟାରୀ ଓ କର୍ମକର୍ତା ଅମଳ କରିବା ଉଚିତ୍ । ଅଲ୍ଲାଃ ଯେଉଁ କାର୍ଯ୍ୟ ପ୍ରତି ଆମର ଧ୍ୟାନ ଆକର୍ଷିତ କରିଛନ୍ତି ସେଥିରେ ରହସ୍ୟ ଓ ସୁନ୍ଦର ଉପଦେଶାବଳୀ ଅନ୍ତର୍ନିହିତ ରହିଛି । ପୁନଃ କହିଲେ କି (ଧର୍ମ)ତର୍କ ସମୟରେ ଏଭଳି ପ୍ରମାଣ ଦିଅ ଯାହା ଉପଯୁକ୍ତ ଓ ଉତମ ଅଟେ । ଆଜିକାଲି ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକ ଓ

ଆତଙ୍କବାଦୀମାନେ ନିଜର ପାଗଳାମି ଓ ମୂର୍ଖ ପରି ପ୍ରମାଣହୀନ କଥାରେ ଇସଲାମକୁ ଏଭଳି ବଦନାମ କରୁଛନ୍ତି ଯେ, ଅଣମୁସଲମାନ ଲୋକେ ମଣୁଛନ୍ତି କି ଇସଲାମ ପ୍ରମାଣ ଶୂନ୍ୟ ଓ ନିରର୍ଥକ ଧର୍ମ ଅଟେ (**ନଉଜୁବିଲ୍ଲାଃ**) ଏବଂ କେବଳ କଠୋରତାବାଦ ହିଁ ଏହାର ଶିକ୍ଷା ଅଟେ । ଏଭଳି ପରିସ୍ଥିତିରେ ଏହା ପ୍ରତ୍ୟେକ ଅହେମଦିଙ୍କ କର୍ତବ୍ୟ କି ସେମାନେ ଅଲ୍ଲାଃଙ୍କ ଆଦେଶ ମୁତାବକ ପ୍ରଚାର ଓ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତୁ ।

ସୁତରାଂ ଏଭଳି ପରିସ୍ଥିତିରେ ଆମ୍ଭକୁ ଅନୁମାନ କରିନେବା ଉଚିତ୍ ଯେ, କିଭଳି ପରିଶ୍ରମର ସହିତ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ପ୍ରଚାର (କାର୍ଯ୍ୟ) କରିବାକୁ ହେବ । ଅଲ୍ଲାଃତାଲା ସର୍ବ ପ୍ରଥମେ କହିଛନ୍ତି ସର୍ବୋତମ ରୀତି(ହିକମତ୍)ର ସହିତ ଧର୍ମପ୍ରଚାର (ତବଲିଗ୍) କର । ତେବେ ହିକମତ୍ର ସହିତ କିଭଳି ପ୍ରଚାର କରିବା ? ଏହାର ଅର୍ଥ ପ୍ରସସ୍ତ ଅଟେ । ସଫଳ ପ୍ରଚାର ନିମନ୍ତେ ଆବଶ୍ୟକ କି ଉକ୍ତ ସମସ୍ତ ଅର୍ଥ ସହ ଆମେ ଅବଗତ ହେବା ଉଚିତ୍ ଯଦ୍ୱାରା ଆମେ ତାହାକୁ ପ୍ରଚାର ସମୟରେ ନିଜ ସମ୍ମୁଖରେ ରଖିପାରିବା । ହିକମତ୍ର ଗୋଟିଏ ଅର୍ଥ ଜ୍ଞାନ ଅଟେ ଅର୍ଥାତ ପ୍ରଚାର ନିମନ୍ତେ ମଣିଷର (ଧର୍ମ ସମ୍ବନ୍ଧିତ)ଜ୍ଞାନ ରହିବା ଆବଶ୍ୟକ । କେତେକ ଲୋକ କହିଥାନ୍ତି କି ଆମେ ତ ଅଜ୍ଞାନ ତେଣୁ ଆମେ ପ୍ରଚାର କାର୍ଯ୍ୟ କରିପାରିବୁ ନାହିଁ । ବର୍ତମାନ ଯୁଗରେ ଏହି ବାହାନା କରିବା ନିରର୍ଥକ । ହଜରତ ମସିହ ମଉଦ ଆ.ସ ଆମ୍ଭକୁ ଏଭଳି ପ୍ରମାଣର ଅସ୍ତ୍ର ପ୍ରଦାନ କରିଦେଇଛନ୍ତି ଯାହାକି ଆମ୍ଭ ପତ୍ରିକା ମାଧ୍ୟମରେ (ଅତି ସହଜରେ) ଲୋକମାନଙ୍କ ହସ୍ତଗତ ହୋଇଯାଇଛି । ଜଣେ ନିମିତ ମାତ୍ର ଚେଷ୍ଟା କଲେ ଅନେକ କିଛି ଶିଖିପାରିବ । ସୁତରାଂ ପ୍ରଥମେ ନିଜ ଜ୍ଞାନ ଅଭିବୃଦ୍ଧି ନିମନ୍ତେ ଚେଷ୍ଟା କରିବା ଉଚିତ୍ । ଦ୍ୱିତୀୟରେ ଆମକୁ ଏହା ଜଣାଥିବା ଆବଶ୍ୟକ କି ବର୍ତମାନ ବିରୋଧୀମାନେ ଯେଉଁ ଆପତି କରୁଛନ୍ତି ତାହାର ଉତର ଆମ ପତ୍ରିକା ଓ websiteରୁ କିପରି ଆମର ହସ୍ତଗତ ହୋଇପାରିବ । ବିଭିନ୍ନ ଧର୍ମାବଲମ୍ବୀ ତଥା ନାସ୍ତିକମାନଙ୍କ ଚିନ୍ତାଧାରା ମୁତାବକ ଆମ୍ଭକୁ ନିଜର ପ୍ରମାଣ ଉପସ୍ଥାପନ କରିବା ଉଚିତ୍ ।

ପୁଣି **ହିକମତ୍ର ଗୋଟିଏ ଅର୍ଥ ସତ୍ୟ ଓ ସୁଦୃଢ ତଥ୍ୟ ଉପସ୍ଥାପନ କରିବା ଅଟେ ଯାହାକି ସତ୍ୟସିଦ୍ଧି ନିମନ୍ତେ ଯଥେଷ୍ଟ ହେଉଥିବ** ଏବଂ ତାହାକୁ ପ୍ରମାଣ କରିବା ନିମନ୍ତେ ଆମ୍ଭକୁ ଆଉ ଅଧିକ ପ୍ରମାଣର ଆବଶ୍ୟକତା ଲୋଡ଼ା ପଡୁନଥିବ । ଅତଏବ ଲମ୍ବା ଯୁକ୍ତିତର୍କ କରିବା ପରିବର୍ତେ ଆପତିର (ମୂଳ କଥା) ଅନୁଧ୍ୟାନ କରି ଏଭଳି ସୁଦୃଢ ତଥ୍ୟର ସହିତ ଆପତିର ଖଣ୍ଡନ କରିବାକୁ ଚେଷ୍ଟା କରିବା ଉଚିତ୍ । ଏହା ମଧ୍ୟ ତବଲିଗ୍ ବିଭାଗର କାର୍ଯ୍ୟ କି ନିଜ ଅବସ୍ଥା ମୁତାବକ ଏଭଳି ଆପତି ଓ ତାହାର ଖଣ୍ଡନ କରୁଥିବା ପ୍ରମାଣଗୁଡ଼ିକୁ ଏକତ୍ର ସଂଗ୍ରହ କରି ଜମାଅତର ସଦସ୍ୟମାନଙ୍କୁ ପ୍ରଦାନ କରିବା ଯଦ୍ୱାରା ସେମାନେ ଉପକୃତ ହୋଇପାରିବେ ଏବଂ ସେମାନଙ୍କ ଜ୍ଞାନରେ ଅଭିବୃଦ୍ଧି ଘଟିବା ସହିତ ସେମାନେ ଉକ୍ତ ଆପତିର ସୁଦୃଢ ପ୍ରମାଣ ସହ ଅବଗତ ହୋଇପାରିବେ ।

ପୁଣି **ହିକମତ୍ର ଆଉ ଗୋଟିଏ ଅର୍ଥ ନ୍ୟାୟ ଅଟେ** । ଏଭଳି ଆପତି କରିବା ଉଚିତ୍ ନୁହେଁ ଯାହା ଓଲଟି ଆମ ଉପରେ ପଡୁଥିବ । ଅଲ୍ଲାଃତାଲାଙ୍କ କୃପାରୁ ସାଧାରଣତଃ ଆମ୍ଭେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇନଥାଉ କିନ୍ତୁ ଅଣଅହେମଦି ଓ ଅଣମୁସଲମାନମାନେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଅଣଅହେମଦିମାନେ ହଜରତ ମସିହ ଉମଦ ଆ.ସଙ୍କ ଉପରେ ଏଭଳି ଆପତି କରି ଦେଇଥାନ୍ତି ଯାହାକି ଅନ୍ୟ ଅବତାରମାନଙ୍କ ଉପରେ ମଧ୍ୟ (ଉକ୍ତ ଆପତି) ପଡ଼ିଥାଏ । ଅତଏବ ପ୍ରଚାର ବିଭାଗକୁ ଏଭଳି ଆପତିର ଉତର ସଂଗ୍ରହ କରି ଜମାଅତର ସଦସ୍ୟମାନଙ୍କୁ ଯୋଗାଇଦେବା ଉଚିତ୍ । ଯଦି ଅଧିକରୁ ଅଧିକ ଲୋକଙ୍କୁ ଏହି କାର୍ଯ୍ୟରେ ନିୟୋଯିତ କରିବାର ଅଛି ତେବେ ଉକ୍ତ ବିଭାଗକୁ ପରିଶ୍ରମ ଓ (ଅର୍ଥ) ବ୍ୟୟ କରିବାକୁ ହେବ । ସେହିପରି ହିକମତ୍ର ଅର୍ଥ ନମ୍ର ଓ କୋମଳ ଆଚରଣ କରିବା ଅଟେ । ସୁତରାଂ ପ୍ରଚାରରେ ନମ୍ର ଓ ବୁଦ୍ଧିମାନୀର ସହିତ କାମ କରିବା ଅତ୍ୟନ୍ତ ଜରୁରି । ବିରକ୍ତ ଓ ଉଗ୍ର ସ୍ୱଭାବର ସହ ତର୍କ କଲେ ଅନ୍ୟମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ସେମାନେ ମଣିଥାନ୍ତି କି ଏମାନେ ପ୍ରମାଣଶୂନ୍ୟ ତେଣୁ ଉତ୍ୟକ୍ତ ହୋଇ ଉତର ଦେଉଛନ୍ତି । ଯେ ଉଗ୍ର ଆଚରଣ କରେ ତାହା ସହ ମଧ୍ୟ ନମ୍ରତା ପ୍ରଦର୍ଶନ କର ।

ପୁଣି **ହିକମତ୍ର ଗୋଟିଏ ଅର୍ଥ ନବୁଓ୍ୱତ୍ (ବାର୍ତାବହ) ଅଟେ** । ସୁତରାଂ ଏହି ଦିଗରୁ ତର୍କ ଓ ପ୍ରମାଣ ଦେବା ଅର୍ଥ ଆମ୍ଭକୁ ପବିତ୍ର କୋରାନ ଯାହାକି ହଜରତ ମହମ୍ମଦ ସ.ଆଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା ତାହାର ପ୍ରମାଣ ଓ ଶିକ୍ଷା ମୁତାବକ ପ୍ରଚାର କରିବା ଉଚିତ୍ । ମୁଁ ଦେଖିଲି ଯେତେବେଳେ ପବିତ୍ର କୋରାନର ପକ୍ତିଂର ଆଧାରରେ ଧର୍ମତର୍କ କରାଯାଏ ସେତେବେଳେ ଲୋକମାନଙ୍କ ଉପରେ ତାହାର ବେଶ୍ ଭଲ ପ୍ରଭାବ ପଡ଼ିଥାଏ ।

**ହିକମତ୍ର ଆଉ ଏକ ଅର୍ଥ ଜ୍ଞାନର ଅନ୍ଧକାରକୁ ଦୂର କରିବା ଅଟେ** । ଅତଏବ ଲୋକଙ୍କ ସହ ଏଭଳି ସୁତ୍ରରେ ଆଲୋଚନା କରିବା ଉଚିତ୍ ଯେପରି ସେମାନେ ସହଜରେ ବୁଝିପାରୁଥିବେ ଏବଂ ସେମାନଙ୍କ ଅଜ୍ଞାନତା ଦୂର ହେଉଥିବ । ହଜରତ ମହମ୍ମଦ ସ.ଆ କହିଛନ୍ତି ଲୋକମାନଙ୍କ ଜ୍ଞାନ ଓ ବୁଝିବାର ସାମର୍ଥ୍ୟ ଅନୁଯାୟୀ ତର୍କ କର । ତାହାର ଆଉ ଏକ ଅର୍ଥ ସତ୍ୟତା ମୁତାବକ ଓ ବାସ୍ତବିକ ଘଟଣା ଅନୁଯାୟୀ ଆଲୋଚନା କରିବା ଅଟେ । ସୁତରାଂ ସର୍ବଦା ସତ୍ୟ ଓ ବାସ୍ତବିକତାର ହିଁ ପରିପ୍ରକାଶ କରିବା ଉଚିତ୍ । ଏପରି ନହୁଏ କି ଅନ୍ୟକୁ ଖୁସି ଓ ପ୍ରଭାବିତ କରିବା ପାଇଁ ଅସତ୍ୟ ଓ ବାସ୍ତବ ଘଟଣାର ଉପାଖ୍ୟାନ କରି ଚର୍ଚ୍ଚା କରିବା ଆରମ୍ଭ କରିଦେବା । ଏଭଳି କଥା ଅନ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ କାରଣ ଯେ କୌଣସି ସମୟରେ ତାହା ଉପରେ ସତ୍ୟତାର ଉନ୍ମୋଚନ ହୋଇଯାଇଥାଏ । ତେଣୁ ସର୍ବଦା ସତ୍ୟ ଓ ବାସ୍ତବିକ

କଥା କହିବା ଉଚିତ୍ ।

**ପୁଣି ସ୍ଥାନ ଓ କାଳ ଅନୁଯାୟୀ ଆଲୋଚନା କରିବାକୁ ମଧ୍ୟ ହିକମତ୍ କୁହାଯାଏ** ଅର୍ଥାତ ଯଦି ମନେକର କି ଅମକ ପ୍ରମାଣ ଦ୍ୱାରା ବିରୋଧୀ (ପକ୍ଷ) ଉତ୍ୟକ୍ତ ହେବା କିମ୍ବା ବିରକ୍ତ ହୋଇ ଝଗଡ଼ା ଓ ମତାନ୍ତର ସୃଷ୍ଟି ହେବାର ଆଶାଙ୍କା ରହିଛି ତେବେ ଏଭଳି ପ୍ରମାଣ ଉପସ୍ଥାପନ କରିବାରୁ ନିବୃତ ରହିବା ଉଚିତ୍ । ବରଂ ଏଭଳି ପ୍ରମାଣ ଉପସ୍ଥାପନ କରିବା ଉଚିତ୍ ଯାହାକି ସ୍ଥାନ ଓ କାଳ ମୁତାବକ ଏବଂ ଅନ୍ୟ ପାଇଁ ସ୍ୱୀକାର ଯୋଗ୍ୟ ହୋଇଥିବ ଏବଂ ପାରସ୍ପରିକ ମତାନ୍ତର ଓ ଦୂରତାକୁ ବଢ଼ାଇବା ପରିବର୍ତେ ନିକଟତର କରୁଥିବ ।

ସ୍ଥାନ କାଳ ତଥା ଅନ୍ୟର ମନକୁ ପଢି ଧର୍ମଚର୍ଚ୍ଚା କରିବା ଅତ୍ୟନ୍ତ ଜରୁରି ଅଟେ । ଏହା ଯେଉଁସ୍ଥଳେ ଧର୍ମ ପ୍ରଚାରରେ ନିୟମାନୁବର୍ତୀତା ମନୋଭାବ ଆବଶ୍ୟକ କରିଥାଏ ସେହିସ୍ଥଳେ ଏଥିନିମନ୍ତେ ବ୍ୟକ୍ତିଗତ ସମ୍ପର୍କକୁ ମଧ୍ୟ ମଜବୁତ୍ କରିବା ଆବଶ୍ୟକ । ବ୍ୟକ୍ତିଗତ ସମ୍ପର୍କ ଦ୍ୱାରା ହିଁ ଅନ୍ୟର ମନ ଓ ରୁଚି ସମ୍ବନ୍ଧରେ ଜଣାପଡ଼ିଥାଏ । ସୁତରାଂ ଆମ୍ଭକୁ ନିଜ ଧର୍ମ ପ୍ରଚାରର ପ୍ରୟାସରେ ଏକ ନିୟମାନୁବର୍ତୀତା ଅବଲମ୍ବନ କରିବା ଆବଶ୍ୟକ । ଏପରି ନୁହେଁ କି ବର୍ଷକରେ ଥରେ ଦୁଇଥର ଦଶଦିନର ଏକ ଧର୍ମପ୍ରଚାର କାର୍ଯ୍ୟକ୍ରମର ଆୟୋଜନ କରିଦେବା କିମ୍ବା ରାସ୍ତାରେ ଛିଡ଼ା ହୋଇ ପତ୍ରିକା ବାଣ୍ଟି ଦେଇ ମନେକରିବା କି ଆମେ ତବଲିଗ୍‌ର କର୍ତବ୍ୟ ସମ୍ପାଦନ କରିଦେଲୁ । ସଂସାରର ଅବସ୍ଥା ଯେପରି ବର୍ତମାନ ଆମକୁ ମୁକ୍ତ ଭାବରେ ଲୋକମାନଙ୍କୁ ଅବଗତ କରାଇବାକୁ ହେବ ଯେ, ଏପରି ପରିସ୍ଥିତି ତୁମମାନଙ୍କ ସଂସାର ପ୍ରେମ ଓ ସେଥିରେ ସମ୍ପୂର୍ଣ୍ଣ ରୂପେ ବୁଡ଼ିଯିବା ହେତୁ ଉପୁଯିଛି ଏବଂ ତୁମେ ଅଲ୍ଲାଃଙ୍କୁ ଅସୋନ୍ତୋଷ କରି ବସିଛ । ଏଥିରୁ ମୁକୁଳିବା ପାଇଁ ଗୋଟିଏ ମାତ୍ର ମାର୍ଗ କି ଅଲ୍ଲାଃଙ୍କ ଶରଣ ଭିକ୍ଷା କର ତଥା ସତ୍‌ଧର୍ମକୁ ଖୋଜିବାକୁ ଚେଷ୍ଟା କର । ସୁନ୍ଦର ଉପଦେଶ ମାଧ୍ୟମରେ ତବଲିଗ୍ କରିବାର ଯେଉଁ ନିର୍ଦେଶ ରହିଛି ତାହା ହିକମତ୍‌ର ସହିତ ତବଲିଗ୍ କରିବା ଅର୍ଥରେ ଆସିଗଲା ଅର୍ଥାତ ନମ୍ର ଓ ହୃଦୟକୁ ଛୁଇଁଲା ପରି ତଥା ପ୍ରଭାବିତ କଲାଭଳି ତବଲିଗ୍ କର ।

ହଜୁର ଅନଓ୍ୱର ଅ.ବ କହିଲେ– ସୁତରାଂ ଅଲ୍ଲାଃତାଲା ହିକମତ୍, ସୁନ୍ଦର ଉପଦେଶ ଓ ସୁଦୃଢ ପ୍ରମାଣର ସହିତ ତବଲିଗ୍ କରିବାର ଯେଉଁ ନିର୍ଦେଶ ଦେଇଛନ୍ତି, ତଦନୁଯାୟୀ ଆମକୁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଚାଲିବା ଉଚିତ୍ ଏବଂ ଅଲ୍ଲାଃ କୁହନ୍ତି ତାହାର ପରିଣାମ ମୁଁ ପ୍ରଦାନ କରିବି । ତୁମ୍ଭର ପାଳନକର୍ତା ସେମାନଙ୍କୁ ଭଲଭାବରେ ଜାଣନ୍ତି ଯେଉଁମାନେ ତାହାଙ୍କ ପଥରୁ ବିଚ୍ୟୁତ ହୋଇଛନ୍ତି ତଥା ଯେଉଁମାନେ ସତ୍‌ପଥଗାମୀ ହୋଇଛନ୍ତି । ଆଉ ଗୋଟିଏ ସ୍ଥାନରେ ଅଲ୍ଲାଃତାଲା କହିଛନ୍ତି– ତୁମେ କାହାରିକୁ ଜୋର୍‌ଜବରଦସ୍ତ ସତ୍‌ପଥରେ ପରିଚାଳିତ କରିପାରିବ ନାହିଁ । ହଁ ତବଲିଗ୍ କରିବା, ସଂସାରର ପ୍ରତ୍ୟେକ ଲୋକମାନଙ୍କ ନିକଟରେ ବାର୍ତା ପହଂଚାଇବା ତୁମର କର୍ତବ୍ୟ । ଅତଏବ ଇସଲାମର ସୁନ୍ଦର ଶିକ୍ଷା ସହ ଅନ୍ୟମାନଙ୍କୁ ଅବଗତ କରାଇଚାଲ କିନ୍ତୁ ପରିଣାମ ତୁମ ହାତପାହାନ୍ତାରେ ନାହିଁ । ଯଦି ଆମକୁ ପଚରାଯାଏ ତେବେ ତାହା କେବଳ ଏତିକି ଯେ, ତୁମେ (ଇସଲାମ)ର ସନ୍ଦେଶ ପହଂଚାଇଥିଲ ନା, ନାହିଁ । ଯଦି ନୁହେଁ ତେବେ କାହିଁକି ତବଲିଗ୍‌ର କର୍ତବ୍ୟ ସମ୍ପାଦନ କଲ ନାହିଁ ଏବଂ ଅଲ୍ଲାଃତାଲାଙ୍କ ଆଦେଶ ମୁତାବକ କାହିଁ ଅମଳ କଲ ନାହିଁ । ହଜୁର ଅନଓ୍ୱର ଅ.ବ କହିଲେ– ଉପରେ ମୁଁ ଯେଉଁ ପଙ୍କ୍ତିଂ ପାଠ କରିଆସିଲି ତାହାର ହଜରତ ମସିହ ମଉଦ ଆ.ସ ମଧ୍ୟ ବ୍ୟାକ୍ଷା କରି କେତେକ ସ୍ଥାନରେ ଦର୍ଶାଇଛନ୍ତି କି ଅଲ୍ଲାଃତାଲା ଜାଣନ୍ତି ଆମେ (ବିରୋଧିମାନଙ୍କୁ) ଉତର ଦେବା ସମୟରେ କଦାପି ନମ୍ର ଓ ସଦାଚାରକୁ ହାତଛଡ଼ା କରି ନାହୁଁ । କେବଳ ସେହି ପରିସ୍ଥିତିରେ ଯେତେବେଳେ ବିରୋଧିମାନଙ୍କର ଅତ୍ୟନ୍ତ ମନ୍ଦ, କଠୋର ଓ ବିଭ୍ରାଟ ସୃଷ୍ଟିକାରୀ ଲେଖା ପାଇବା ପରେ ଆମେ ଦୃଢ ଉକ୍ତିରେ ପ୍ରତିଉତର ଦେଇଛୁ ଯଦ୍ୱାରା ସେମାନଙ୍କର ହିଂସ୍ର ସ୍ୱଭାବ ଆଗକୁ ତାଙ୍କୁ ଏପରି କର୍ମ କରିବାକୁ ବାରଣ କରିବ ଏବଂ ଏହି କଠୋରତା କୌଣସି ଶାରୀରିକ ଉତେଜନା କିମ୍ବା ଉତ୍ୟକ୍ତ ଯୋଗୁ ନୁହେଁ ବରଂ କେବଳ **ଜାଦିଲ୍‌ହୁମ୍ ବିଲ୍‌ଲତି ହିୟା ଅହସନ୍‌**ର ନିର୍ଦେଶ ମୁତାବକ ଅମଳ କରି ଏକ ହିକମତ୍‌ର ସହିତ କରାଯାଇଥିଲା ଏବଂ ତାହା ମଧ୍ୟ କେବଳ ସେହି ସମୟରେ ବିରୋଧିମାନଙ୍କ ଖରାପ ଭାଷା ପ୍ରୟୋଗ, ଅସମ୍ମାନ ଓ ଆମକୁ ତୁଚ୍ଛ ମଣିବାରେ ଅତ୍ୟଧିକ ତଳକୁ ଖସିଯିବା, ପୁଣି ଆମ୍ଭର ପ୍ରିୟ ଓ ସମଗ୍ର ସୃଷ୍ଟିର ସରଦାର୍ ଶ୍ରେଷ୍ଠ ନବୀ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ ଅତ୍ୟନ୍ତ ମନ୍ଦ ଓ ଖରାପ ଭାଷା ବ୍ୟବହାର କରିବା ଯୋଗୁ ଆମେ ଏହି ମାର୍ଗ ଆପଣାଇଥିଲୁ । ଆଉ ଏକ ସ୍ଥାନରେ ହଜୁର ଆ.ସ କୁହନ୍ତି **ଜାଦିଲ୍‌ହୁମ୍ ବିଲ୍‌ଲତି ହିୟା ଅହସନ୍** ପଙ୍କ୍ତିଂର ଉଦ୍ଦେଶ୍ୟ ଏହା ନୁହେଁ କି ଆମେ (ସେମାନଙ୍କର)ଏଭଳି ପ୍ରଶଂସା ଓ ନମ୍ର ଆଚରଣ କରିବା କି ବାସ୍ତବିକ ଘଟଣାକୁ ମଧ୍ୟ ଅସ୍ୱୀକାର କରିବାରେ ତାଙ୍କର ସମର୍ଥକ ପାଲଟିଯିବା । କ'ଣ ଆମେ ଏକ ଏଭଳି ବ୍ୟକ୍ତି ଯେ ଈଶ୍ୱର ହେବାର ଘୋଷଣା କରେ ଓ ଆମ୍ଭ ରସୁଲ୍ ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀକୁ ମିଥ୍ୟା ସାବ୍ୟସ୍ତ କରେ ନଉଜୁବିଲ୍ଲାଃ ଓ ହଜରତ ମୁସା ଆ.ସଙ୍କ ନାମ ଡ଼କାୟତ ରଖେ ତାହାକୁ ସତ୍ୟବାଦୀ କହିପାରିବୁ । କ'ଣ ଏଭଳି ଆଚରଣ ଉତମ ଶତ୍ରୁତା ଅଟେ ? କଦାପି ନୁହେଁ ବରଂ ଏହା ଅଧର୍ମ, ଅମାନ୍ୟକାରୀ ତଥା ବିଶ୍ୱାସଘାତକର ସ୍ୱଭାବ ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ– ସୁତରାଂ ଆମ୍ଭକୁ ଏ ସମସ୍ତ ପାର୍ଥକ୍ୟ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ନମ୍ର ଆଚରଣର ଅର୍ଥ ଏହା ନୁହେଁ କି ଯେପରି ମୁଁ ଉପରେ କହିଆସିଲି ସେମାନଙ୍କ ପ୍ରଶଂସାରେ ନିଜକୁ ଏଭଳି ହଜାଇଦେବା ଯେପରି ନିଜର ଅସ୍ତିତ୍ୱ ହିଁ ନାହିଁ ଏବଂ ସେମାନଙ୍କୁ ଭୟ କରି ତାଙ୍କର ହଁ ରେ ହଁ ମିଳାଇଚାଲିବା ଏବଂ ଯାହା ଘଟିନାହିଁ ତାହାର ମଧ୍ୟ ସମର୍ଥନ କରିବସିବା । ହିକମତ୍‌ର ସହିତ କାର୍ଯ୍ୟ କରିବା ଅନିର୍ବାର୍ଯ୍ୟ । ଭାଷାରେ ନମ୍ରତା ଓ ଉତମ ଆଚରଣ ମଧ୍ୟ ଆବଶ୍ୟକ କିନ୍ତୁ ଭୁଲକୁ ଭୁଲ କହିବା ମଧ୍ୟ ଆବଶ୍ୟକ । ସୁତରାଂ ଏକଥା ସର୍ବଦା ମନେରଖିବେ କି ହିକମତ୍‌ର ଅର୍ଥ ଭୀରୁତା ନୁହେଁ କିମ୍ବା (ଅନ୍ୟକୁ ନିଜ)ନିକଟବର୍ତୀ କରିବା ପାଇଁ ଅସତ୍ କଥାର ସମର୍ଥନ କରିବା ନୁହେଁ ।

ହଜୁର ଅନଓ୍ୱର ଅ.ବ କେତେକ ସାକ୍ଷାତକାର ସମୟରେ କିଛି ରାଜନେତାଙ୍କ ଉଦାହରଣ ଦେଇ କହିଲେ- ଏମାନେ ଯେ କି ସଂସାର ପ୍ରେମି ଅଟନ୍ତି, ଯାହାଙ୍କ ଧର୍ମ ମଧ୍ୟ ମୂଳ ଅବସ୍ଥାରେ ନାହିଁ ତଥାପି ଯଦି ସେମାନେ ନିଜ ସାଂସାରିକ ମାମଲାକୁ ଧର୍ମ ପାଇଁ ବଳି ଦେଉଛନ୍ତି ଏବଂ ନିଜର ଗୁଣଗାନ ଓ ପ୍ରଶଂସା ଚାହୁଁନାହାନ୍ତି ନା ନିଜର କାପୁରୁଷତା ପ୍ରଦର୍ଶନ କରୁଛନ୍ତି ତେବେ ଆମେ ଯେ କି ଅନ୍ତିମ ଓ ଶ୍ରେଷ୍ଠ ଧର୍ମ ପୁସ୍ତକର ଅନୁଗାମୀ ଆମ୍ଭକୁ କିଭଳି ସୁଦୃଢ ବିଶ୍ୱାସ ରଖିବା ଉଚିତ୍ ଏବଂ ସାଂସାରିକ ସମ୍ପର୍କ ଓ ଧର୍ମ ପ୍ରଚାର କ୍ଷେତ୍ରରେ ହିକମତ୍ ଓ ସୁଦୃଢ ପ୍ରମାଣର ସହିତ (ଭୁଲ୍) ଆପତିର କିଭଳି ମୁକ୍ତ ସ୍ୱରରେ ରଦ୍ଦ କରିବା ଉଚିତ୍ । ନା କି ସଂସାର ଓ ନିଜ ସ୍ୱାର୍ଥ ହାସଲ ପାଇଁ ସେମାନଙ୍କୁ ଭୟ କରିବା, ନା ସେମାନଙ୍କ ହଁ ରେ ହଁ ମିଳାଇବା ଉଚିତ୍ । ଏପରି କଲେ ସେମାନଙ୍କ ସହ ସମ୍ପର୍କ ତୁଟିଯିବ ବୋଲି ମଣିବା ସମ୍ପୂର୍ଣ୍ଣ ଭ୍ରମ ଧାରଣା ଅଟେ । ଯଦି ହିକମତ୍‌ର ସହିର ଆଲୋଚନା କରାଯାଏ ତେବେ କଦାପି ସମ୍ପର୍କ ତୁଟିନଥାଏ । କର୍ମକର୍ତାମାନଙ୍କୁ ବିଶେଷ ଭାବରେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ମୁଁ ଦେଖିଥାଏ କି କେତେକ ସମୟରେ କର୍ମକର୍ତାମାନେ ଭୀରୁତା ପ୍ରଦର୍ଶନ କରିଥାନ୍ତି । ବିରୁଦ୍ଧାଚରଣର ଖାତିର କରିବା ଉଚିତ୍ ନୁହେଁ କାରଣ ତାହା ହିଁ ତବଲିଗ୍‌ର ରାସ୍ତା ଖୋଲିଥାଏ । ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କହିଛନ୍ତି- **ଯେଉଭଳି (ତିବ୍ରତାର ସହିତ)ଅସତ୍ ସତ୍ୟର ବିରୁଦ୍ଧାଚରଣ କରିଥାଏ ସେହିପରି ସତ୍ୟର ଶକ୍ତି ଓ ସାମର୍ଥ୍ୟ ତେଜ (ଶକ୍ତିଶାଳୀ)ହୋଇଥାଏ ।** ଆପଣ କୁହନ୍ତି କୃଷକଙ୍କ ମଧ୍ୟରେ ଏକଥା ପ୍ରସିଦ୍ଧ ଯେ, ଯେଉଭଳି (ସୂର୍ଯ୍ୟଙ୍କ) ତାପ ପ୍ରଖର ହୋଇଥାଏ ବର୍ଷାକାଳରେ ସେହିପରି ଅଧିକ ବର୍ଷା ହୋଇଥାଏ । ଆପଣ କୁହନ୍ତି ଏହା ଏକ ପ୍ରାକୃତିକ ନିଦର୍ଶନ କି ସତ୍ୟର ଯେଉଭଳି ତିବ୍ର ବିରୁଦ୍ଧାଚରଣ ହୋଇଥାଏ ସେହିପରି ତାହା ଉଜ୍ଜ୍ୱଳିତ ହୋଇ ନିଜର ପ୍ରକାଶ ଦେଖାଇଥାଏ । ଆପଣ କୁହନ୍ତି ଆମେ ନିଜେ ପରୀକ୍ଷା କରି ଦେଖିଛୁ ଯେଉଁଠାରେ ଆମ ବିରୁଦ୍ଧରେ ସ୍ୱର ଉତୋଳନ ହୋଇଛି ସେଠାରେ ଗୋଟିଏ ଜମାଅତ ଗଢି ଉଠିଛି ଏବଂ ଯେଉଁଠାରେ ଏକଥା ଶୁଣି ଲୋକେ ନିରବ ହୋଇଯାଇଛନ୍ତି ସେଠାରେ ବିଶେଷ ଉନ୍ନତି ହୋଇନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ବିରୁଦ୍ଧାଚରଣ କିମ୍ବା ସଂସାରବାସୀଙ୍କୁ କୌଣସି ପ୍ରକାର ଭୟ କରିବା ଉଚିତ୍ ନୁହେଁ କିନ୍ତୁ ହିକମତ୍ ଜରୁରି ଅଟେ । **ଧର୍ମପ୍ରଚାରକ ନିମନ୍ତେ ଆବଶ୍ୟକ କି ପ୍ରଚାରକର କହିବା ଓ କରିବା ମଧ୍ୟରେ ସମନ୍ୱୟ ରହିବା ଉଚିତ୍ ।** ଯାହା କହୁଛ ତଦନୁଯାୟୀ ଅମଳ କଲେଯାଇ ହିକମତ୍‌ର କଥା ତୁଣ୍ଡରୁ ବାହାରିଥାଏ ଏବଂ ତାହା ପୁଣି ଅନ୍ୟକୁ ପ୍ରଭାବିତ ମଧ୍ୟ କରିଥାଏ । ହଜରତ ମସିହ ମଉଦ ଆ.ସ ଏଥିପ୍ରତି ଆମର ଧ୍ୟାନ ଆକର୍ଷିତ କରି କୁହନ୍ତି-

ଅନେକ ମୌଲବି ଓ ନିଜକୁ ଜ୍ଞାନୀ କହି ଷ୍ଟେଜ୍‌ରେ ଚଢି ନିଜକୁ ରସୁଲଙ୍କ ନାଏବ ଓ ଅବତାରମାନଙ୍କ ଉତରାଧିକାରୀ କହୁଥିବା ଲୋକେ ଉପଦେଶ ଦେଇଥାନ୍ତି କି ଗର୍ବ କର ନାହିଁ, ଅପକର୍ମରୁ ନିବୃତ ରୁହ କିନ୍ତୁ ସ୍ୱୟଂ ସେମାନଙ୍କର ଅମଳର ଅନୁମାନ ଏଇଥିରୁ ହୋଇଥାଏ ଯେ, ଉକ୍ତ ଉପଦେଶର ପ୍ରଭାବ ଜନସାଧାରଣଙ୍କ ହୃଦୟରେ କିପରି ପଡୁଅଛି । ହଜୁର ଆ.ସ କୁହନ୍ତି ଯଦି ସେହି ମୌଲବିମାନେ ଅମଳ କରିବାର ସାମର୍ଥ୍ୟ ରଖୁଥାନ୍ତେ ଓ କହିବା ପୂର୍ବରୁ ନିଜେ ଅମଳ କରୁଥାନ୍ତେ ତେବେ ପବିତ୍ର କୋରାନରେ **ଲିମା ତକୁଲୁନା ମାଲା ତଫଅଲୁନ୍** କହିବାର କ'ଣ ଆବଶ୍ୟକତା ଥିଲା । ଏହି ଆୟତ ହିଁ ଦର୍ଶାଉଛି ଯେ, ସଂସାରରେ ଏପରି ଲୋକ ମଧ୍ୟ ଥିଲେ ଯେ (ଭଲ)କଥା କହୁଥିଲେ କିନ୍ତୁ ତଦନୁଯାୟୀ ଅମଳ କରୁନଥିଲେ ଏବଂ ଏପରି ଲୋକ ଅଛନ୍ତି ଓ ରହିଥିବେ । ଆପଣ କୁହନ୍ତି ତୁମେ ମୋର କଥା ଶୁଣିରଖ ଓ ଭଲକରି ମନେରଖିନିଅ କି ଯଦି ମଣିଷର କଥାବାର୍ତା ସ୍ୱଚ୍ଛ ହୃଦୟରୁ ହୋଇନଥାଏ ଏବଂ ତଦନୁଯାୟୀ ଅମଳ କରାଯାଇନଥାଏ ତେବେ ତାହା ପ୍ରଭାବଶାଳୀ ହୋଇନଥାଏ । ଏହି ଦୃଷ୍ଟିକୋଣରୁ ତ ଆମ ନବୀ ହଜରତ ମହମ୍ମଦ ସ.ଆଙ୍କ ଶ୍ରେଷ୍ଠତା ପ୍ରମାଣିତ ହେଉଛି କାରଣ ଯେଉଁ ସଫଳତା ଓ ହୃଦୟକୁ ପ୍ରଭାବିତ କରିବାର ଶକ୍ତି ତାଙ୍କ ମଧ୍ୟରେ ଥିଲା ତାହାର କୌଣସି ଉଦାହରଣ ମାନବ ଜାତିର ଇତିହାସରେ ଦେଖିବାକୁ ମିଳୁ ନାହିଁ ଏବଂ ଏସବୁ ଏଥିପାଇଁ ସମ୍ଭବ ହେଲା କି ଆପଣଙ୍କ କହିବା ଓ କରିବା ମଧ୍ୟରେ ପୂର୍ଣ୍ଣ ସମନ୍ୱୟ ଥିଲା ।

ହଜୁର ଆ.ସ କୁହନ୍ତି ମୋମିନ୍ ଦୁଇଟି ରଙ୍ଗ ଧାରଣ କରି ନଥାଏ । ସର୍ବଦା ନିଜ କହିବା ଓ କରିବାକୁ ସଠିକ୍ ରଖ ଏବଂ ସେଥିରେ ସମନ୍ୱୟ ରଖ ଯେପରି ସାହାବାମାନେ ଦେଖାଇଲେ । ତୁମେ ମଧ୍ୟ ସେମାନଙ୍କ ଅନୁସରଣ କରି ସତ୍ୟ ଓ ବିଶ୍ୱସ୍ତତାର ନମୁନା ଦେଖାଅ । ଆଉ ଏକ ସ୍ଥାନରେ ଆପଣ ଉପଦେଶପୂର୍ବକ କୁହନ୍ତି ଇସଲାମର ସୁରକ୍ଷା ଓ ତାହାର ସତ୍ୟାସତ୍ୟ ପ୍ରକାଶ କରିବା ନିମନ୍ତେ ଆମ୍ଭକୁ ସର୍ବ ପ୍ରଥମେ ସଚ୍ଚୋଟ ମୁସଲମାନ ହେବାର ନମୁନା ଦେଖାଇବାକୁ ହେବ । ଦ୍ୱିତୀୟରେ ଇସଲାମର ସୁନ୍ଦର ରୂପ ଓ ତାହାର ଶ୍ରେଷ୍ଠତା ସଂସାରରେ ପରିବ୍ୟାପ୍ତ କର ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ତବଲିଗ୍ ନିମନ୍ତେ ସର୍ବପ୍ରଥମେ ନିଜ ଅବସ୍ଥାରେ ପରିବର୍ତନ କରିବା ଆବଶ୍ୟକ । ଯେତେବେଳେ ଜଣେ ସଚ୍ଚୋଟ ମୁସଲମାନ ହୋଇଯାଏ ତେବେ ପ୍ରଶ୍ନ ହିଁ ଉଠୁ ନାହିଁ କି ତାହାପ୍ରତି ଲୋକମାନଙ୍କ ଧ୍ୟାନ କେନ୍ଦ୍ରିତ ହେବ ନାହିଁ । ଲୋକେ ନମୁନା ଦେଖି ହିଁ ଧ୍ୟାନ ଦେଇଥାନ୍ତି ଏବଂ ଏଭଳି ନିରବଚ୍ଛିନ୍ନ ଭାବରେ ତବଲିଗ୍ କରିବା ଦ୍ୱାରା ହିଁ ତବଲିଗ୍‌ର ମାର୍ଗ ଉନ୍ମୁକ୍ତ ହେବା ଆରମ୍ଭ ହୋଇଥାଏ । ଅଲ୍ଲାଃତାଲା ଆମ୍ଭକୁ ଏଥି ମୁତାବକ ଅମଳ କରିବାର ଶକ୍ତି ପ୍ରଦାନ କରନ୍ତୁ ।

Khulasa Khutba Juma Huzoor Anwar a.b.a
8th September 2017